ଗୁରୁପୁତ୍ରପ୍ପା ମଲ୍ଲପ୍ପା ହରକୁନି ଇତ୍ୟାଦି ଇତ୍ୟାଦି

ବନାମ

ତହସିଲଦାର ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ଅଗଷ୍ଟ 11, 1992

[ଲଲିତ ମୋହନ ଶର୍ମା, ଏସ୍. ମୋହନ ଏବଂ
ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିବୃନ୍ଦ]

*କର୍ଣ୍ଣାଟକ ଗ୍ରାମ କାର୍ଯ୍ୟାଳୟ ଉଚ୍ଛେଦ ଅଧିନିୟମ, 1961 -ଧାରା 5 (3) -1978ର ସଂଶୋଧନ ଅଧିନିୟମ 13 -ପ୍ରତ୍ୟର୍ପଣ କରାଯାଇଥିବା ଜମିର ହସ୍ତାନ୍ତରଣ -7.8.1978ରୁ 15 ବର୍ଷ ପାଇଁ ପ୍ରତିବନ୍ଧକ - 4.12.1982 ରେ ହସ୍ତାନ୍ତରଣ -ଅସିଦ୍ଧ*

*ସି. ଏ. ସଂଖ୍ୟା 3231/1991*

**18.21 ଏକର ପରିମିତ ଥିବା ସର୍ବେକ୍ଷଣ ସଂଖ୍ୟା 187/2 ବିଶିଷ୍ଟ ଜମି ପାଟିଲକି ଇନାମ ଜମି ଥିଲା । କର୍ଣ୍ଣାଟକ ଗ୍ରାମ କାର୍ଯ୍ୟାଳୟ ଉଚ୍ଛେଦ ଅଧିନିୟମ, 1961 ର ଧାରା 4 ଅନୁଯାୟୀ 1.2.1963 ରୁ ଏହି ଜମି ସରକାରଙ୍କୁ ଫେରସ୍ତ ଆସିଥିଲା ।**

**6.2.1968 ରେ, ୱତନ୍ ଜମି-ଧାରକ ଜମିର ପୁନଃ ମଞ୍ଜୁର ପାଇଁ ଏକ ଆବେଦନ ଦାଖଲ କରିଥିଲେ । ସେ ମୂଲ୍ୟାଙ୍କନ ଏବଂ ସ୍ୱାସ୍ଥ୍ୟ ସେସ୍ ର 3 ଗୁଣ ସହିତ ସମାନ ପରିମାଣର ଅର୍ଥ ମଧ୍ୟ ପ୍ରଦାନ କରିଥିଲେ ।**

**ସହକାରୀ ଆୟୁକ୍ତ 15.4.1968 ରେ ପୁନଃ ପ୍ରଦାନ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କାଗଜପତ୍ରଗୁଡ଼ିକ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ପଠାଯାଇଥିଲା ।**

**ୱତନ୍ ଜମି-ଧାରକ ଅଧିନିୟମର ଧାରା 5 (3) ଅନୁଯାୟୀ ଜମି ହସ୍ତାନ୍ତର କରିବାକୁ ଅନୁମତି ମାଗିଥିଲେ । ସେ ଆବଶ୍ୟକତା ଅନୁଯାୟୀ ଜମିର ମୂଲ୍ୟାଙ୍କନ ପରିମାଣ ଠାରୁ 15 ଗୁଣ ଅଧିକ ଅର୍ଥ ମଧ୍ୟ ଜମା କରିଥିଲେ ।**

**28.8.1968 ରେ ସହକାରୀ ଆୟୁକ୍ତ ଏହି ମଞ୍ଜୁରି ପ୍ରଦାନ କରିଥିଲେ ।**

**1978ର କର୍ଣ୍ଣାଟକ ଅଧିନିୟମ 13 ଦ୍ୱାରା ଏହି ଅଧିନିୟମର ଧାରା 5 (3) ରେ ସଂଶୋଧନ କରାଯାଇଥିଲା । ସଂଶୋଧିତ ଧାରା 1978ର ସଂଶୋଧନ ଅଧିନିୟମ 1 ଆରମ୍ଭ ହେବା ଦିନଠାରୁ 15 ବର୍ଷ ଅବଧି ପାଇଁ ପୁନଃ ପ୍ରଦାନ ହୋଇଥିବା ଜମିର ହସ୍ତାନ୍ତରକୁ ନିଷିଦ୍ଧ କରିଥିଲା ।**

**28.8.68** ତାରିଖର ଅନୁମତି ଆଧାରରେ, ୱତନ୍ ଜମି-ଧାରକ ଉକ୍ତ ସମ୍ପତ୍ତିକୁ ତିନି ଜଣ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ । ଆବେଦନକାରୀ **4.12.1982** ରେ **5** ଏକର ଜମି କିଣିଥିଲେ ।

ଯେହେତୁ ଉକ୍ତ ଜମି ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଉଲ୍ଲଙ୍ଘନ କରି କ୍ରୟ କରାଯାଇଛି, ତେଣୁ ଉଚ୍ଛେଦ ପାଇଁ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ତହସିଲଦାର ଆବେଦନକାରୀଙ୍କୁ ଏକ ସୂଚନା ଜାରି କରିଥିଲେ ।

ଆବେଦନକାରୀ ସ୍ପଷ୍ଟୀକରଣ ଦେଇଥିଲେ ଯେ ୱତନ ଜମି-ଧାରକଙ୍କୁ ମଞ୍ଜୁରି ପ୍ରଦାନ କରୁଥିବା ଆଦେଶକୁ ଦୃଷ୍ଟିରେ ରଖି, ଜମି-ଧାରକ ଏହାକୁ ହସ୍ତାନ୍ତର କରିବାକୁ ହକଦାର ଥିଲେ; ଯେବେ ଏପରି ଅନୁମତି ମଞ୍ଜୁର କରାଯାଇଥିଲା, ସେତେବେଳେ ଜମି ଅଧିନିୟମର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ବନ୍ଦ ହୋଇଯାଇଥିଲା; ଏବଂ ମଞ୍ଜୁରି ଆଦେଶରେ ଉଲ୍ଲେଖ କରାଯାଇଥିଲା ଯେ ପ୍ରଶ୍ନରେ ଥିବା ଜମି ହସ୍ତାନ୍ତରଯୋଗ୍ୟ ଥିଲା ।

ଏହି ସ୍ପଷ୍ଟୀକରଣକୁ ପ୍ରତ୍ୟାଖ୍ୟାନ କରି, ତହସିଲଦାର ଆଦେଶ ଦେଇଥିଲେ ଯେ ଏହି ଜମିର ଦଖଲ ସରକାରଙ୍କ ଦ୍ୱାରା ଗ୍ରହଣ କରାଯିବ ।

ତହସିଲଦାରଙ୍କ ଆଦେଶ ବିରୁଦ୍ଧରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ।

ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନକୁ ଖାରଜ କରି କହିଥିଲେ ଯେ ଯଦି ପୁନଃପ୍ରଦାନ କରାଯାଇଥିବା ଜମି **7.8.1978** ପୂର୍ବରୁ ପୂର୍ବ ଅନୁମତି ସହିତ ହସ୍ତାନ୍ତର ହୋଇନଥାଏ, ତେବେ **7.8.1978** ପରେ **15** ବର୍ଷ ପାଇଁ ଏହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ।

ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠରେ ଏକ ଆବେଦନ ଆଗତ କରାଯାଇଥିଲା, ଯାହା ମଧ୍ୟ ଖାରଜ ହୋଇଯାଇଥିଲା ।

ତେଣୁ, **28.8.1968** ତାରିଖର ଆଦେଶ ଦ୍ୱାରା ୱତନ ଜମି-ଧାରକଙ୍କୁ ଜମି ହସ୍ତାନ୍ତର କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା ବୋଲି ଯୁକ୍ତି ରଖି ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ;ଏବଂ କେବଳ **1978** ମସିହାରେ ଅଧିନିୟମର ଧାରା **5 (3)** ରେ ସଂଶୋଧନ କରାଯାଇଥିବାରୁ ଏହା ପୂର୍ବରୁ ମଞ୍ଜୁର ହୋଇଥିବା ଅନୁମତିକୁ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ ।

ଉତ୍ତରଦାତା-ରାଜ୍ୟ ଉପସ୍ଥାପନ କରିଥିଲେ ଯେ ଯଦିଓ ଜମିଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ମଞ୍ଜୁରି ଦିଆଯାଇଥିଲା, ତଥାପି ଏହି ହସ୍ତାନ୍ତରଣ **7.8.1978** ପୂର୍ବରୁ ହୋଇନଥିଲା; ଯେ ଧାରା **5 (3)** ଅଧୀନରେ

**ଥିବା ବୈଧାନିକ ନିଷେଧାଦେଶ ସମ୍ପୂର୍ଣ୍ଣ ରୂପେ ଲାଗୁ ହେବ; ଯେ ଏହାକୁ 7.8.1978 ପରେ 15 ବର୍ଷ ଅବଧି ପାଇଁ ହସ୍ତାନ୍ତର କରାଯାଇପାରିବ ନାହିଁ; ଏବଂ ଯେହେତୁ ସଂଶୋଧିତ ଧାରା 5 (3) କାର୍ଯ୍ୟକାରୀ ହେବାର ଦୀର୍ଘ ଦିନ ପରେ 4.12.1982 ରେ ହସ୍ତାନ୍ତରଣ ଘଟିଥିଲା, ତେଣୁ ଏପରି ହସ୍ତାନ୍ତର ଅମାନ୍ୟ ଓ ଅସିଦ୍ଧ ଥିଲା ।**

**ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: କର୍ଣ୍ଣାଟକ ଗ୍ରାମ ଉଚ୍ଛେଦ ଅଧିନିୟମ, 1961ର ଧାରା 5 (3) କୁ 1978ର କର୍ଣ୍ଣାଟକ ଅଧିନିୟମ 13 ଦ୍ୱାରା ସଂଶୋଧନ କରାଯାଇଥିଲା । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ଏକ ସ୍ୱଷ୍ଟ ନିଷେଧ ରହିଛି ଯେ ସଂଶୋଧନ ଅଧିନିୟମ, 1978ର ଧାରା-1 ଆରମ୍ଭ ହେବା ଦିନଠାରୁ 15 ବର୍ଷ ପର୍ଯ୍ୟନ୍ତ ପୁନଃ ମଞ୍ଜୁର ହୋଇଥିବା ଜମି ହସ୍ତାନ୍ତରଯୋଗ୍ୟ ହେବ ନାହିଁ । ଯାହାର ପ୍ରଭାବ ହେଉଛି, 7.8.1978 ରୁ 15 ବର୍ଷ ପାଇଁ, ହସ୍ତାନ୍ତରଣ ବିରୁଦ୍ଧରେ ସାମ୍ବିଧାନିକ ପ୍ରତିବନ୍ଧକ କାର୍ଯ୍ୟକାରୀ ହେବ ।**

*ଲକ୍ଷ୍ମଣ ଗୌଡ଼ା ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ, (1981) 1* **କର୍ଣ୍ଣାଟକ ଆଇନ ଜର୍ଣ୍ଣାଲ ପୃଷ୍ଠା 1, ଅନୁମୋଦିତ ।**

*କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟଜଣେ ବନାମ ଜି. ସିନାପ୍ପା ଏବଂ ଅନ୍ୟଜଣେ ଇତ୍ୟାଦି,* **ବିଶେଷ ଅନୁମତି ଆବେଦନପତ୍ର(ଦେୱାନୀ) ସଂଖ୍ୟା 14627/1985 ଇତ୍ୟାଦି D/- 27.2.1992 ଏବଂ** *ରେହମାନ୍ ଖାନ୍ ଏବଂ ଅନ୍ୟମାନେ ବନାମ କର୍ଣ୍ଣାଟକ ରାଜ୍ୟ,* **1981 ର ସି.ଏ. ସଂଖ୍ୟା 3104-13, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3231/1991 ।

ଡବ୍ଲୁ.ଏ. ସଂଖ୍ୟା 2700/1985ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 5.6.1990 ତାରିଖର ରାୟ ଏବଂ ଆଦେଶରୁ ।

ଏବଂ

1990 ର ଦେୱାନୀ ଆବେଦନ ସଂଖ୍ୟା 4418-19 ।

1980 ର ଡବ୍ଲ୍ୟୁ.ପି. ସଂଖ୍ୟା 8744 ଏବଂ 8745 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 26.11.1982 ତାରିଖର ରାୟ ଏବଂ ଆଦେଶରୁ ।

ଏହାସହିତ

1986ରେ ସି.ଏ. ସଂଖ୍ୟା 1609-1610 ଏବଂ 1616-1617, 4385/85, 3232-33/91, 3576 ଏବଂ 1984ର 2289 ।

1991ର ସି.ଏ. ସଂଖ୍ୟା 3231 ଏବଂ 3232-33 ରେ ଆବେଦନକାରୀ ପାଇଁ ଆର୍.ଏସ୍. ହେଗଡ଼େ, କେ.ଆର୍. ନାଗରାଜା ଏବଂ ସୁଶ୍ରୀ ସୁଶୀଲା ।

ସି.ଏ. ସଂଖ୍ୟା 4418-19/90 ରେ ଆବେଦନକାରୀ ପାଇଁ ଏମ୍. ବୀରାପ୍ପା ।

1991 ର ସି.ଏ. ସଂଖ୍ୟା 3231 ଏବଂ 3232-33 ରେ ଉତ୍ତରଦାତାମାନଙ୍କ ପାଇଁ ଏମ୍. ବୀରାପ୍ପା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ମୋହନ**ଙ୍କ ଦ୍ୱାରା । ଏହି ସମସ୍ତ ଆବେଦନରେ ଉଠିଥିବା ଆଇନର ସାଧାରଣ ପ୍ରଶ୍ନ ହେଉଛି କର୍ଣ୍ଣାଟକ ଗ୍ରାମ କାର୍ଯ୍ୟାଳୟ ଉଚ୍ଛେଦ ଅଧିନିୟମ, 1961 (ଏଠାରେ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି) ର ସଂଶୋଧିତ ଧାରା 5 (3) ର ପରିସର । ତେଣୁ ଆବେଦନ ଗୁଡ଼ିକୁ ଏକ ମିଳିତ ରାୟ ଭାବେ ବିଚାର କରାଯାଇଛି ।

ଯଦି ଆମେ ଦେୱାନୀ ଆବେଦନ ସଂଖ୍ୟା 3231/199ରେ ତଥ୍ୟଗୁଡ଼ିକୁ ସଂକ୍ଷେପରେ ଟିପ୍ପଣୀ ଦେବା ତେବେ ଏହା ଯଥେଷ୍ଟ । ଆନିଗାଓଲ ଗ୍ରାମର 13.21 ଏକର ପରିମିତ ସର୍ବେକ୍ଷଣ ସଂଖ୍ୟା 187/2 ବିଶିଷ୍ଟ ଜମି ଥିଲା ପାଟିଲକି ଇନାମ ଜମି । ଅଧିନିୟମର ଧାରା 4 ଅନୁଯାୟୀ 1963 ମସିହା ଫେବୃଆରୀ ମାସ 1 ତାରିଖରୁ ଏହି ଜମିକୁ ସରକାରଙ୍କୁ ପୁନଃ ପ୍ରଦାନ କରାଯାଇଥିଲା । ଅନିଗୋଲର ନିଙ୍ଗନଗୌଡ଼ା ରାମନଗୌଡ଼ା ପାଟିଲ ଏହି ୱତନ ଜମିର ଅଧିକାରୀ ଥିଲେ । ଜମିର ପୁନଃ ମଞ୍ଜୁର ପାଇଁ ସେ 6.2.1968 ତାରିଖ ବିଶିଷ୍ଟ ଏକ ଆବେଦନ ଦାଖଲ କରିଥିଲେ । ସେ ମୂଲ୍ୟାୟନ ଏବଂ ସ୍ୱାସ୍ଥ୍ୟ ସେସର 3 ଗୁଣ ସମାନ ପରିମାଣ ମଧ୍ୟ ଦେଇଥିଲେ । ସହକାରୀ ଆୟୁକ୍ତ ସେଲହୋଙ୍ଗଲ ଡିଭିଜନ 15.4.1968 ତାରିଖର ଏକ ଆଦେଶ ଦ୍ୱାରା ପୁନଃ ପ୍ରଦାନ  ନିର୍ଦ୍ଦେଶ ଦେଇଥିଲେ । ଏହାପରେ କାଗଜପତ୍ରଗୁଡ଼ିକୁ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପଗାଓଁର ତହସିଲଦାରଙ୍କୁ ପଠାଯାଇଥିଲା ।

ସେହି ସମୟରେ ପ୍ରଚଳିତ ଅଧିନିୟମର ଧାରା 5 (3) ଅନୁଯାୟୀ ଜମି ହସ୍ତାନ୍ତର କରିବା ପାଇଁ ନିଙ୍ଗନଗୌଡ଼ା ରାମନଗୌଡ଼ା ପାଟିଲ୍ ଅନୁମତି ମାଗିଥିଲେ । ସେ ମଧ ଆବଶ୍ୟକତା ଅନୁଯାୟୀ ଜମିର ମୂଲ୍ୟାଙ୍କନ ପରିମାଣ ଠାରୁ 15 ଗୁଣ ଅଧିକ ଅର୍ଥ ଜମା କରିଥିଲେ । ସହକାରୀ ଆୟୁକ୍ତ ତାଙ୍କ 28.8.1968 ତାରିଖର ଆଦେଶ ଦ୍ୱାରା ମଞ୍ଜୁରି ପ୍ରଦାନ କରିଥିଲେ ।

1978 ମସିହାରେ, 1978ର କର୍ଣ୍ଣାଟକ ଅଧିନିୟମ 13 ଦ୍ୱାରା ଅଧିନିୟମର ଧାରା 5 (3) ରେ ସଂଶୋଧନ କରାଯାଇଥିଲା । 1978ର ସଂଶୋଧନ ଅଧିନିୟମ 1 ଆରମ୍ଭ ହେବା ଦିନଠାରୁ 15 ବର୍ଷ ଅବଧି ପାଇଁ ପୁନଃ ମଞ୍ଜୁର ହୋଇଥିବା ଜମିର ହସ୍ତାନ୍ତରଣକୁ ସଂଶୋଧିତ ଧାରା ନିଷିଦ୍ଧ କରିଥିଲା ।

28.8.68 ତାରିଖର ଅନୁମତି ଆଧାରରେ, ମାଲିକ ଏନ୍.ଆର୍. ପାଟିଲ୍ ଏହି ସମ୍ପତ୍ତିକୁ ଭାଗ ଭାଗ କରି ତିନି ଜଣ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ । 4.12.82 ରେ ଆବେଦନକାରୀଙ୍କ ଦ୍ୱାରା 5 ଏକର ଜମି କ୍ରୟ କରାଯାଇଥିଲା । ଯେହେତୁ ଉକ୍ତ ଜମି ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଉଲ୍ଲଙ୍ଘନ କରି କ୍ରୟ କରାଯାଇଛି, ତେଣୁ ଉଚ୍ଛେଦ ପାଇଁ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ଶୈଳହୋଙ୍ଗଲର ତହସିଲଦାର ଆବେଦନକାରୀଙ୍କୁ ଏକ ସୂଚନା ଜାରି କରିଥିଲେ । ଆବେଦନକାରୀ ସ୍ପଷ୍ଟୀକରଣ ଦେଇଥିଲେ ଯେ ଜମିର ଧାରକଙ୍କୁ ମଞ୍ଜୁରି ପ୍ରଦାନ କରୁଥିବା ଆଦେଶକୁ ଦୃଷ୍ଟିରେ ରଖି ଧାରକ ଏହାକୁ ହସ୍ତାନ୍ତର କରିବାକୁ ହକଦାର ଥିଲେ । ଥରେ ଏପରି ଅନୁମତି ପ୍ରଦାନ କରାଯିବା ପରେ ଏହି ଜମି ଅଧିନିୟମର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ବନ୍ଦ ହୋଇଯାଇଥିଲା । ଯାହା ହେଉ, ମଞ୍ଜୁରି ଆଦେଶରେ ଉଲ୍ଲେଖ କରାଯାଇଥିଲା ଯେ ଉକ୍ତ ଜମି ହସ୍ତାନ୍ତରଯୋଗ୍ୟ ଥିଲା ।

ଏହି ସ୍ପଷ୍ଟୀକରଣ ତହସିଲଦାରଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯିଏ ତାଙ୍କ 23.6.1984 ତାରିଖର ଆଦେଶ ଦ୍ୱାରା ଦର୍ଶାଇଥିଲେ ଯେ ଆବେଦନକାରୀଙ୍କୁ ଉଚ୍ଛେଦ ଆବଶ୍ୟକ । ତଦନୁସାରେ, ସେ ନିର୍ଦ୍ଦେଶ ଦେଇଥିଲେ ଯେ ସରକାର ଜମିର ଦଖଲ ନେବେ, ଯଦି କୌଣସି ପ୍ରତିବନ୍ଧକ ନଥାଏ । ଏହାପରେ ଆବେଦନକାରୀ ଡବ୍ଲ୍ୟୁ.ପି. ସଂଖ୍ୟା 11238/1984 ଜରିଆରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ।

ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ନିର୍ଣ୍ଣୟ କରିଥିଲେ ଯେ ଯଦି ପୁନଃ ମଞ୍ଜୁର ହୋଇଥିବା ଜମିକୁ 7.8.1978 ପୂର୍ବରୁ ପୂର୍ବ ଅନୁମତି ସହିତ ହସ୍ତାନ୍ତର କରାଯାଇ ନାହିଁ, ତେବେ ଏହାକୁ 7.8.1978 ପରେ 15 ବର୍ଷ ଅବଧି ପାଇଁ ହସ୍ତାନ୍ତର କରାଯାଇପାରିବ ନାହିଁ । ତାହା ହେଉଛି ସଂଶୋଧନ ଅଧିନିୟମ, 1978ର ସ୍ପଷ୍ଟ ଉଦ୍ଦେଶ୍ୟ । ଏହି ଯୁକ୍ତି ଉପରେ ସେ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ଡବ୍ଲୁ.ଏ. ସଂଖ୍ୟା 2700/1985ରେ ଦୁଇଜଣିଆ ଖଣ୍ଡପୀଠରେ ଏକ ଆବେଦନ ଆଗତ ହୋଇଥିଲା ଯାହା ସଫଳ ହୋଇନଥିଲା । ଏହି ପରିସ୍ଥିତିରେ, ଆବେଦନ କରିବା ପାଇଁ ବିଶେଷ ଅନୁମତି ଆଗତ କରାଯାଇଥିଲା । 22.8.91 ତାରିଖର ଏକ ଆଦେଶ ଦ୍ୱାରା ଅନୁମତି ପ୍ରଦାନ କରାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ଅନୁରୋଧ କରାଯାଇଥିବା ଏକମାତ୍ର ଯୁକ୍ତି ହେଉଛି ଯେ 28.8.68 ତାରିଖର ଆଦେଶ ଦ୍ୱାରା ଏକ୍ସ ପଟିଲକି ୱତନ ଜମିର ଧାରକଙ୍କୁ ଜମି ହସ୍ତାନ୍ତର କରିବା ପାଇଁ ମଞ୍ଜୁରି ପ୍ରଦାନ

କରାଯାଇଥିଲା । ଏଭଳି ମଞ୍ଜୁରି ସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ । କେବଳ ଏହି କାରଣରୁ ଯେ 1978 ମସିହାରେ ଏହି ଅଧିନିୟମର ଧାରା 5 (3) ରେ ସଂଶୋଧନ କରାଯାଇଥିଲା, ଏହା ପୂର୍ବରୁ ମଞ୍ଜୁର ହୋଇସାରିଥିବା ଅନୁମତିକୁ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ । 1978 ଠାରୁ 15 ବର୍ଷର ଏକ ନିଷିଦ୍ଧ ଅବଧି ମଧ୍ୟରେ ମଧ୍ୟ ଯେତେବେଳେ ହସ୍ତାନ୍ତର ପ୍ରକୃତରେ ଘଟିଥିଲା ସେତେବେଳେ ଏହା ବହୁତ କମ୍ ଗୁରୁତ୍ୱ ବହନ କରେ ।

ରାଜ୍ୟ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିବେ ଯେ 28.8.1968 ତାରିଖର ଏକ ଆଦେଶ ଦ୍ୱାରା ଏହା ସତ୍ୟ ଯେ ଜମିଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ମଞ୍ଜୁରି ଦିଆଯାଇଥିଲା । ତଥାପି, ଯଦି 7.8.1978 ପୂର୍ବରୁ ସେହି ମଞ୍ଜୁରି ଆଧାରରେ ହସ୍ତାନ୍ତର ହୋଇନଥିଲା, ତେବେ ଧାରା 5 (3) ଅଧୀନରେ ଥିବା ବୈଧାନିକ ନିଷେଧ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ । ଅନ୍ୟ ଶବ୍ଦରେ, 7.8.1978 ପରେ 15 ବର୍ଷ ଅବଧି ପାଇଁ ଏହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ । ଏହି ମାମଲାରେ, ସଂଶୋଧିତ ଧାରା 5 (3) କାର୍ଯ୍ୟକାରୀ ହେବାର ଦୀର୍ଘ ସମୟ ପରେ 4.12.1982 ରେ ହସ୍ତାନ୍ତରଣ ଘଟିଥିଲା । ତେଣୁ, ଏପରି ହସ୍ତାନ୍ତରଣ ଅମାନ୍ୟ ଏବଂ ଆସିଦ୍ଧ ଅଟେ । ବାସ୍ତବରେ, ପ୍ରଶ୍ନଟି ଆଉ ଅନିର୍ଣ୍ଣିତ ବିଷୟ ହୋଇ ରହିନାହିଁ । *ଲକ୍ଷ୍ମଣ ଗୌଡ଼ା ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ* (1981) 1 କର୍ଣ୍ଣାଟକ ଆଇନ ଜର୍ଣ୍ଣାଲ ପୃଷ୍ଠା 1 ମାମଲାରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ ସ୍ୱଷ୍ଟ ଭାବରେ ରାୟ ଦେଇଥିଲେ ଯେ ଏହିପରି ହସ୍ତାନ୍ତର ଅମାନ୍ୟ ଏବଂ ଅସିଦ୍ଧ ଅଟେ । ସେହି ରାୟକୁ ବିରୋଧ କରି ରାଜ୍ୟ ଏବଂ ପକ୍ଷମାନଙ୍କ ଦ୍ୱାରା ଆଗତ ଅନେକ ବିଶେଷ ଅନୁମତି ଆବେଦନକୁ ଖାରଜ କରାଯାଇଛି । ଏଠାରେ ମଧ୍ୟ ସମାନ ସ୍ଥିତି ।

ଉପରୋକ୍ତ ଉପସ୍ଥାପନାଗୁଡ଼ିକୁ ଯତ୍ନର ସହ ବିଚାର କରିବା ପରେ, ଆମେ ନିର୍ଣ୍ଣୟ କରୁଛୁ ଯେ ରାଜ୍ୟ ତରଫରୁ ଆଗତ ଯୁକ୍ତିକୁ ସ୍ୱୀକାର କରାଯିବା ଉଚିତ । 1978ର ସଂଶୋଧନ ଅଧିନିୟମର ଧାରା 5 (3) ନିମ୍ନରେ ଦିଆଗଲା:

> "5(3) ଉପଧାରା (1) ଅନୁଯାୟୀ ପୁନଃ ମଞ୍ଜୁର ହୋଇଥିବା ଜମିର ଦଖଲ କିମ୍ବା ରୟତୱାରୀ ପଟ୍ଟା କର୍ଣ୍ଣାଟକ ଗ୍ରାମ କାର୍ଯ୍ୟାଳୟ ଉଚ୍ଛେଦ (ସଂଶୋଧନ) ଅଧିନିୟମ, 1978 ର ଧାରା 1 ର ପ୍ରାରମ୍ଭ ତାରିଖ ଠାରୁ 15 ବର୍ଷର ଅବଧି ପାଇଁ ହିନ୍ଦୁ ଯୌଥ ପରିବାର ସଦସ୍ୟମାନଙ୍କ ମଧ୍ୟରେ ବିଭାଜନ ବ୍ୟତୀତ ଅନ୍ୟଥା ହସ୍ତାନ୍ତରଯୋଗ୍ୟ ହେବ ନାହିଁ ।"

ଯଦିଓ ହସ୍ତାନ୍ତର ପାଇଁ ମଞ୍ଜୁରି 28.8.1968 ରେ ପ୍ରଦାନ କରାଯାଇଥିଲା, ତଥାପି ହସ୍ତାନ୍ତରଣ 4.12.82 ରେ ଘଟିଥିଲା । ଇତି ମଧ୍ୟରେ, ଉପରୋକ୍ତ ସଂଶୋଧନ, ଯଥା, ଧାରା 5 (3), 1978 ର କର୍ଣ୍ଣାଟକ ଅଧିନିୟମ 13 ଦ୍ୱାରା ପ୍ରବର୍ତ୍ତନ କରାଯାଇଥିଲା । ଉପରୋକ୍ତ ବ୍ୟବସ୍ଥା ଅନୁଯାୟୀ ଏକ ସ୍ୱଷ୍ଟ ନିଷେଧାଦେଶ ରହିଛି ଯେ ସଂଶୋଧନ ଅଧିନିୟମ, 1978ର ଧାରା-1ର ପ୍ରାରମ୍ଭ ଦିନଠାରୁ 15 ବର୍ଷର

ଅବଧି ପର୍ଯ୍ୟନ୍ତ ପୁନଃ ମଞ୍ଜୁର ହୋଇଥିବା ଜମି ହସ୍ତାନ୍ତରଯୋଗ୍ୟ ହେବ ନାହିଁ । ଯାହାର ପ୍ରଭାବ ହେଉଛି, 7.8.1978 ଠାରୁ 15 ବର୍ଷର ଅବଧି ପାଇଁ, ହସ୍ତାନ୍ତର ବିରୁଦ୍ଧରେ ବୈଧାନିକ ପ୍ରତିବନ୍ଧକ କାର୍ଯ୍ୟ କରିବ । ବାସ୍ତବରେ, ଲକ୍ଷ୍ମଣ ଗୌଡ଼ା (ଉପରୋକ୍ତ) ରେ, ପୃଷ୍ଠା 18 ଅନୁଚ୍ଛେଦ 87 ରେ ଏହା ଏହିପରି କୁହାଯାଇଛି:

> "87.ବୈଧାନିକ ସଂରଚନାର ଉପରୋକ୍ତ ନୀତିଗୁଡ଼ିକର ପରିପ୍ରେକ୍ଷୀରେ, ଆମେ ନିର୍ଣ୍ଣୟ କରୁ ଯେ ମୂଳ ଅଧିନିୟମର ଧାରା 5 ର ଉପ-ଧାରା (4) କୁ କେବଳ 7.8.1978 ପରେ କରାଯାଇଥିବା ସ୍ଥାନାନ୍ତର ପାଇଁ ପ୍ରଯୁଜ୍ୟ ବୋଲି ବିବେଚନା କରାଯିବା ଉଚିତ ଏବଂ ସେହି ତାରିଖ ପୂର୍ବରୁ ହୋଇଥିବା ସ୍ଥାନାନ୍ତର ପାଇଁ ନୁହେଁ ଏବଂ ସେହି ଧାରାରେ ଘଟୁଥିବା ଉପ-ଧାରା (3) କୁ ସଂଶୋଧିତ ଉପ-ଧାରା (3) ର ଉଲ୍ଲେଖ ଭାବରେ ବୁଝାଯିବା ଉଚିତ ଏବଂ ସେହି ଧାରାର ମୂଳ ଉପ-ଧାରା (3) କୁ ନୁହେଁ ।"

ଉଚ୍ଚ ନ୍ୟାୟାଳୟ ସଠିକ ଆଇନଗତ ସ୍ଥିତି ନିର୍ଦ୍ଧାରଣ କରିଛନ୍ତି । *କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟଜଣେ ବନାମ ଜି. ସିନାପ୍ପା ଏବଂ ଅନ୍ୟଜଣେ ଇତ୍ୟାଦି ଇତ୍ୟାଦି* ମାମଲାରେ ବିଶେଷ ଅନୁମତି ଆବେଦନପତ୍ର (ଦେୱାନୀ) ସଂଖ୍ୟା 14,627/1985ରେ ଏହି ଯୁକ୍ତିକୁ ଅନୁମୋଦନ କରାଯାଇଛି, ଯାହାକୁ 27.2.1992 ତାରିଖରେ ଏହି ନ୍ୟାୟାଳୟଙ୍କର ଏକ ଆଦେଶ ଦ୍ୱାରା ଖାରଜ କରାଯାଇଥିଲା । ପୁନର୍ବାର *ରେହମାନ୍ ଖାନ୍ ଏବଂ ଅନ୍ୟମାନେ ବନାମ କର୍ଣ୍ଣାଟକ ରାଜ୍ୟ* (1981 ର ସି.ଏ. ସଂଖ୍ୟା 3104-13) ମାମଲାରେ ଏହି ନ୍ୟାୟାଳୟ ଲକ୍ଷ୍ମଣ ଗୌଡ଼ାଙ୍କ ମାମଲା (ଉପରୋକ୍ତ) ର ରାୟକୁ ସମର୍ଥନ କରିଥିଲେ । ତେଣୁ, ଆମେ ଏହି ଉପସଂହାରରେ ପହଞ୍ଚୁଛୁ ଯେ ଉଚ୍ଚ ନ୍ୟାୟାଳୟ ଠିକ୍ ଅଟନ୍ତି । କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ ।

ଫଳସ୍ୱରୂପ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନଦେଇ ଆବେଦନଗୁଡ଼ିକୁ ଖାରଜ କରିଦିଆଯାଇଛି ।

ଭି.ପି.ଆର୍. ଆବେଦନ ଗୁଡିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।